# ସାହିତ୍ୟିକ, ପ୍ରଫେସର ମାଧବ ଚନ୍ଦ୍ର ଶତପଥୀଙ୍କ ସହ -ଏକ ସାକ୍ଷାତକାର

(ସାକ୍ଷାତ କରିଥିଲେ ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ)

ପ୍ର.ଦାଶ - ସାର୍। ଆପଣ ଜଣେ ଶିକ୍ଷାବିତ୍,ସାହିତ୍ୟିକ ଏବଂ ଜଣେ ଆଦର୍ଶ ସଚ୍ଚୋଟ ଅଧ୍ୟକ୍ଷ ଭାବରେ ମୁଁ ଆପଣଙ୍କୁ ଦେଖିଛି। ଆପଣଙ୍କର ବ୍ୟବହାର ଏବଂ ପରୋପକାର ଗୁଣଟିକୁ ମୁଁ ସମ୍ମାନ ଦିଏ.। ଯେଉଁଠାରେ ଆପଣ କାମ କରିଛନ୍ତି ସେଠାରେ ଆପଣ ପ୍ରସଂସାର ପାତ୍ର ହୋଇ ପାରିଛନ୍ତି। ବର୍ତ୍ତମାନ ଉର୍ଦ୍ଧନ୍ନ ବୟସରେ ନିଜେ ଲେଖାଲେଖି କରିପାରୁଛନ୍ତି। ମୁଁ ଆପଣଙ୍କର ଦୀର୍ଘଜୀବନ କାମନା କରିବା ସହ ଆମରିସତ୍ୟ ପାଠକମାନଙ୍କୁ ଆପଣଙ୍କ ବିଷୟରେ ଅବଗତ କରାଇବାପାଇଁ କିଛି ବାର୍ତ୍ତାଳାପ କରିବାର ସୁଯୋଗ ଦେଇଥିବାରୁ ଆମରି ସତ୍ୟ ପରିବାର ଆପଣଙ୍କ ପାଖରେ ଋଣୀ।

ଆପଣଙ୍କ ପିଲାଦିନର ପାଠ ପଢିବାର ଅନୁଭବ କିଛି କୁହନ୍ତୁ?

ମା ଶତପଥୀ - ପିଲାଦିନ ପଢିବାର ପରିବେଶ ଏକଦମ ଗ୍ରାମୀଣ ଥିଲା। ଗାଁ ଟା ଅଖ୍ୟାତ, ଅଗମ୍ୟ ଅରଣ୍ୟମୟ ଓ ବନ୍ୟାପ୍ଳାବିତ ଥିଲା। ସଚ୍ଚି ରାଉତରାୟ କବିତା ଅନୁସାରେ- 'ଛୋଟ ମୋର ଗାଁ ଟି'ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଆଁଟି'। ପରିବେଶ ଅନୁସାରେ ହୋଇଥାଏ ଅନୁଭବ। ଡାକଘର ଓ ଡାକ୍ତରଖାନା ବହୁଦୂରରେ ଥିଲା। ତେଣୁ ଅସାଧ୍ୟ ରୋଗ ହେଲେ ରୋଗୀଙ୍କୁ କଟକ ଡାକ୍ତରଖାନାଙ୍କୁ ନିଆଯାଉଥିଲା।

ପିଲାଦିନ କହିଲେ ମୋ ପାଇଁ ୧୪ବର୍ଷ ପର୍ଯ୍ୟନ୍ତ ହିସାବରେ ନେଇଛି। ମୋତେ ଯେତେବେଳେ ୬ବର୍ଷ ବୟସ ଆମ ଗାଁ ପାଖ ବାଟିଯୋଡା ଉ.ପ୍ରା ସ୍କୁଲରେ ପଢ଼ିଲି। ରାସ୍ତା ନଥିଲା। ବିଲ ହିଡରେ ସ୍କୁଲକୁ ଯାଉଥିଲୁ। ପରିଧାନ କେବଳ ଧୋତି-ଦେହରେ ଗଞ୍ଜି ବା ସାର୍ଟ ନଥିଲା।



ଖାତା ପତ୍ର ବହି ସବୁକୁ ଗାମୁଛାରେ ବାନ୍ଧି ପିଠିରେ ପକାଇ ଯାଉଥିଲୁ। ଏ ସ୍କୁଲଟି ବହୁପୁରୁଣା ଏକମାତ୍ର ସ୍କୁଲ। ଏଠି ଶିଶୁ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ଛଅ ଶ୍ରେଣୀ ପାଇଁ ଛଅ ଜଣ ଶିକ୍ଷକ ଥିଲେ ଓ ସମସ୍ତେ ବିଦ୍ୟାଳୟ ଦ୍ୱାରା ସେମାନଙ୍କପାଇଁ ଉର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଘରେ ରହୁଥିଲେ। ସେ ସମୟରେ ଝିଅମାନେ ପାଠ ପ୍ରାୟ ପାଠ ପଢୁନଥିବା ସେ ସମୟରେ ବିଶେଷ ଉଲ୍ଲେଖନୀୟ ଘଟଣା ଏହି ସ୍କୁଲରେ ବ୍ରାହ୍ମଣ ଘରର ଝିଅମାନେ ପାଠପଢୁଥିଲେ। ସେମାନଙ୍କୁ ଦେଖି ଅନ୍ୟ ପାଟକର ଝିଅମାନେ ପଢ଼ିଲେ। ପାଠ ବହୁତ କଡା। ପାଠ ନ କଲେ ପିଠିରେ ନୋଳା ଫୁଟୁଥିଲା। ବେତର ପାୱାର ବହୁତ କଡା।



ନାମ : ମାଧବ ଚନ୍ଦ୍ର ଶତପଥୀ
ପିତା-ସ୍ୱର୍ଗତ ଦୀନବନ୍ଧୁ ଶତପଥୀ
ମାତା-ସ୍ୱର୍ଗତ ସାରମଣି ଦେବୀ
ଗ୍ରାମ-କାଦୁଅ ମାଗୁରା, ଥାନା-ବଡଚଣା
ଜିଲ୍ଲା-ଯାଜପୁର

ସ୍କୁଲରେ ସାର୍‌ମାନଙ୍କ ସାହାଯ୍ୟରେ ଛାତ୍ରମାନେ ସ୍କୁଲ ପରିସରରେ ମାଟିରେ ତିଆରି ଭାରତ ମାନଚିତ୍ର ଗୋଟିଏ ଥିଲା। ଛୋଟ ପର୍ବତଟିଏ ପିଲାମାନେ ତିଆରି କରି ଥିଲେ। ସେଥିରୁ ନଦୀ ବାହାରିବାର ଦୃଶ୍ୟ ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା।

ପ୍ରାଇମେରି ଠାରୁ ମାଟ୍ରିକ ଶେଷ ଯାଏ ମୁଁ କ୍ଲାସରେ ପ୍ରଥମ ହେଉଥିଲି। ମନିଟର୍ ପୋଷ୍ଟଟା ମୋର ଏକଚାଟିଆ ପଦବୀ ଥିଲା। ତୃତୀୟ ଶ୍ରେଣୀ ପରେ ଆମଘରଠାରୁ ୧୦ ମାଇଲ ଦୂରରେ ମଧୁପୁର ମାଇନର ସ୍କୁଲରେ ବାପା ୪ର୍ଥ ଶ୍ରେଣୀରେ ନାମ ଲେଖାଇଦେଲେ। ଏ ସ୍କୁଲ ମଧ ବିରାଟ ହତା,ଚଟାଣ ପକ୍କା ଟିଣ ଛାତଥିବା ସ୍କୁଲ। ହତାଭିତରେ ପୋଖରୀ।ଛାତ୍ରାବାସରେ ରହି ରହି ପଢିଥିଲି। ସାରମାନଙ୍କ ପାଇଁ ଲମ୍ବା ପକକା ଘର ଥିଲା। ସପ୍ତମଶ୍ରେଣୀ ପିଲାମାନଙ୍କ ପାଇଁ ଗୋଟିଏ ଛୋଟ ଘର ଥିଲା। ସେଇ ଘରେ ସପ୍ତମ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ପିଲାମାନଙ୍କୁ ମାଗଣାରେ କୋଚିଂ ଦିଆଯାଉଥିଲା। ବୃତ୍ତି ପରୀକ୍ଷା ଯାଜପୁର ଯାଇ ଦେଇଥିଲୁ। ତା'ପରେ ମାଟ୍ରିକ ପର୍ଯ୍ୟନ୍ତ ମାହାଙ୍ଗା ନିକଟବର୍ତ୍ତୀ ଭେଡାର ଚୌଧୁରୀ ରାଧାନାଥ ବିଦ୍ୟାପୀଠରେ ଅଧ୍ୟୟନ କରି ମାଟ୍ରିକରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି। ବିଦ୍ୟାଳୟରେ ମଧ୍ୟ ସାରମାନେ ରହୁଥିଲେ। ଏହି ଆବାସିକ ସ୍କୁଲରେ ରହି ଆମେ ସଂସ୍କୃତି ଓ ପରସ୍ପରକୁ ସାହାଯ୍ୟ କରିବା ମିଳିମିଶି ଚଳିବା ଶିଖିଥିଲୁ,

ଯାହା ଏ ପରିଣତ ବୟସପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ଆତ୍ମ ସନ୍ତୋଷ ଲାଭ କରୁଛି। ପରବର୍ତ୍ତୀ ସମୟରେ ଯାଜପୁର ଏନ୍‌ସି କଲେଜ, ରେଭେନ୍ସା କଲେଜ, ରାଧାନାଥ ଟ୍ରେନିଂ କଲେଜରୁ ଏମ.ଇଡିରେ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ହୋଇ ପାସ୍ କରି, ଅଧ୍ୟାପନାକୁ ଜୀବିକା ରୂପେ ଗ୍ରହଣ କଲି। ରେଭେନ୍‌ସାରୁ ମଧ୍ୟ ଏମ.ଏ ପାଶ କରି ଥିଲି।

ପ୍ର.ଦାଶ – ଅଧ୍ୟାପକ ଭାବରେ ଆପଣଙ୍କର ବେଶ୍ ସୁନାମ ଅଛି।ଏବେକାର ଅଧ୍ୟାପନା କ୍ଷେତ୍ରରେ, ଅଧ୍ୟାପକମାନଙ୍କ ପ୍ରତିବଦ୍ଧତାଙ୍କୁ ଆପଣ କ'ଣ କହିବେ ?

ମା. ଶତପଥୀ – ଅଧ୍ୟାପନା ଏକ କଳା। ମାତ୍ର ସବୁ ଶିକ୍ଷକ ବା ଅଧ୍ୟାପକମାନଙ୍କର ନା ଅଛି ଅଙ୍ଗୀକାରବଦ୍ଧତା ନା ଅଛି କର୍ତ୍ତବ୍ୟ ସଚେତନତା। ଏଥିପାଇଁ ଅନେକ ଉପରଠାଉରିଆ ଭାବେ କେବଳ ଚାକିରୀ କରିବା କଥା ହିଁ ଭାବିଥାଆନ୍ତି। ଏପରି ବ୍ୟକ୍ତିମାନେ କେବେ ବି ଆଦର୍ଶ ଶିକ୍ଷକ ହୋଇପାରନ୍ତି ନାହିଁ। ଏପରି ଅଧ୍ୟାପକମାନଙ୍କ ବିଷୟରେ ବହୁବାର ମୁଁ ଅଧ୍ୟକ୍ଷ ଥିବା ସମୟରେ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଶୁଣି ସମାଧାନ କରିଛି।

ଜଣେ ଶିକ୍ଷକର ଦକ୍ଷତା ତିନୋଟି ଫ୍ୟାକ୍ଟର୍‌ରେ ମପାଯାଏ।

୧–ପ୍ରୋଫିସିଏନ୍ସି (ଗଭୀର ଜ୍ଞାନ)

୨–ପର୍ସନାଲିଟି (ବ୍ୟକ୍ତିତ୍ୱ)

୩–ପ୍ରଡକ୍ଟ (ସେ ଯାହା ପଢାନ୍ତି ତାହାର ପରୀକ୍ଷା ଫଳ)

ଶିକ୍ଷକଙ୍କ ମାପକାଠି ଛାତ୍ରମାନେ। ମୁଁ ଅନୁଭବ କରିଛି ପିଲାମାନେ ପ୍ରାୟତଃ ମୋ ପଢ଼ାରେ ଖୁସି ।ଏହା ପ୍ରୌଢ଼ି ନୁହେଁ, ଆତ୍ମସମୀକ୍ଷା। ମୁଁ ଅଧ୍ୟାପନା କରୁଥିବା ସମୟରେ ଶ୍ରେଣୀ ଆରମ୍ଭର ୫ ମିନିଟ ପୂର୍ବରୁ ଚକ୍ ଡଷ୍ଟର ସହ ଶ୍ରେଣୀ ସମ୍ମୁଖରେ ଉପସ୍ଥିତ ହୁଏ। ଏହାର ବ୍ୟତିକ୍ରମ ପ୍ରାୟ ହୁଏ ନାହିଁ। ଆଉ ଗୋଟିଏ କଥା କହିବା ପାଇଁ ଉଚିତ ମନେ କରିବି। ସାଧାରଣତଃ ସରକାରୀ କର୍ମଚାରୀମାନେ ସେମାନଙ୍କର ସାମୟିକ ଛୁଟି (ସି.ଏଲ.) ନଷ୍ଟ କରିବାକୁ ଜମା ଦେବେନି। ଏହା ଠିକ୍ ମାନସିକତା ନୁହେଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୋ ଚାକିରିରେ ମୁଁ ସି.ଏଲ. ବା ଅନ୍ୟ କୌଣସି ଛୁଟି ନେଇନାହିଁ। ବର୍ଷକୁ ୨/୩ ଟି ସି.ଏଲ. ପ୍ରାୟ ସରିଥାଏ। ଅଧ୍ୟାପକ ଥିବା ସମୟରେ ପେଶାପ୍ରତି ଅଙ୍ଗୀକାର ବଦ୍ଧତା ସହ କେତେଗୁଡିଏ ଟେକ୍ସଟ୍ ବହି ଲେଖିଥିଲି।

**ରଚିତ ପୁସ୍ତକ**

| | |
|---|---|
| ୧.ହାସ୍ୟବ୍ୟଙ୍ଗ ଗଳ୍ପ ବହି | –୧୨ଟି |
| ୨.ରମ୍ୟରଚନା | –୧୩ ଟି |
| ୩.ହାସ୍ୟବ୍ୟଙ୍ଗ କବିତା | –୨ଟି |
| ୪.ଆଧୁନିକ କବିତା | –୧ଟି |
| ୫.ଶିକ୍ଷା ସଂପର୍କିତ | –୭ଟି |
| ୬.ପିଲାଙ୍କ ପାଇଁ | –୪ଟି |
| ୭.ଅନୁବାଦ ପୁସ୍ତକ | –୮ଟି |

ପାଇଥିବା ପୁରସ୍କାର–୮ଟି, ସମ୍ମାନ ୩୧ଟି

ପ୍ର.ଦାଶ – ସାହିତ୍ୟ କ୍ଷେତ୍ରରେ ବିଶେଷକରି ବ୍ୟଙ୍ଗସାହିତ୍ୟ ରଚନାରେ ଆପଣ ସୁପରିଚିତ। କେବେଠାରୁ ଆପଣଙ୍କର ସାହିତ୍ୟାନୁରାଗ ବଳିଲା ?

ମା. ଶତପଥୀ – ମାଇନର ସ୍କୁଲରେ ଅଧ୍ୟୟନ କରୁଥିବା ସମୟରୁ ମୋର ସାହିତ୍ୟ ପ୍ରତି ଅନୁରାଗର ଫଳସ୍ୱରୂପ ଅନେକ ଗୁଡିଏ ଛନ୍ଦୋବଦ୍ଧ କବିତା ରଚନା କରିଥିଲି। ଏହା ହିଁ ମୋର ସାହିତ୍ୟିକ ଜୀବନର ଅଙ୍କୁରୋଦଗମ। ପରବର୍ତ୍ତୀ ସମୟରେ ପ୍ରବନ୍ଧ ରଚନାରେ ମନଦେଇ ପ୍ରଜାତନ୍ତ୍ର ଖବରକାଗଜକୁ ପଠାଇ ସାହିତ୍ୟ ପୁରସ୍କାର ପାଇଛି।ଅନେକ ଆଧୁନିକ କବିତା ଲେଖି ଝଙ୍କାରକୁ ପଠାଇଛି। ଅନେକ ପାଠକୀୟ ସ୍ୱୀକୃତୀମଧ ପାଇଛି। ପରବର୍ତ୍ତୀ ସମୟରେ କେବଳ ବ୍ୟଙ୍ଗ ସାହିତ୍ୟରେ ମନ ଦେଇଛି। କିନ୍ତୁ ପ୍ରବନ୍ଧ ପଢ଼ିବା, ବହି କିଣିବା ଓ ପଢିବା ମୋର ପ୍ରବଳ ସଉକ।

କଲେଜରେ ପାଠ ପଢିବା ଦିନରୁ ଏପର୍ଯ୍ୟନ୍ତ ମୁଁ ବ୍ୟଙ୍ଗ ସାହିତ୍ୟ ଲେଖୁଛି। ଫକୀରମୋହନଙ୍କ ଲେଖା ଅନୁପ୍ରାଣିତ ହୋଇ ମୁଁ ବ୍ୟଙ୍ଗ ସୃଷ୍ଟି କରିବାକୁ ମନ କଲି। ଏବଂ ସେଥିପାଇଁ ବହୁତ ସମ୍ମାନ ଓ ପୁରସ୍କାର ପାଇଛି। ସବୁଠାରୁ ବଡ ପୁରସ୍କାର ପାଠକପାଠିକାମାନଙ୍କର ବିପୁଳ ସଂଖ୍ୟାର ଚିଠି। ସେ ଗୁଡିକ ମୋତେ ବହୁତ ଆନନ୍ଦ ଦେଇଛି।

ପ୍ର.ଦାଶ – ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ କ'ଣ ସୁଧାର ଆବଶ୍ୟକତା ଅଛି ?

ମା. ଶତପଥୀ – ଶିକ୍ଷା ବ୍ୟବସ୍ଥାରେ କ'ଣ ସୁଧାର ଆବଶ୍ୟକ ସେ ବିଷୟରେ ଲେଖିଲେ ଏକ ପ୍ରବନ୍ଧ ହେବ। ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ନାନା ପରୀକ୍ଷା ନିରୀକ୍ଷା ବିଶେଷତଃ ବ୍ୟୁରୋକ୍ରାଟ୍‌ମାନେ କରୁଛନ୍ତି। ଶିକ୍ଷାରେ କିପରି ସୁଧାର ଆସିବ ?ଯଦି ସ୍କୁଲ ବନ୍ଦ କରି ମାସମାସ ଧର୍ମଘଟ, ଧାରଣା ଶିକ୍ଷକମାନେ ଦେବେ, ଶିକ୍ଷାପ୍ରତି ପ୍ରତିବଦ୍ଧତା ନଥିବ, ଅନେକଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଉଥିବ ଏବଂ ଅଙ୍ଗୁଳି ପ୍ରବେଶରୁ ବାହୁ ପ୍ରବେଶ ପରି ଏମାନେ ସ୍ଥାୟୀ ହେବାକୁ ଧର୍ମଘଟ ଜାରି ରଖୁଥିବେ। ଏପରି ଅବସ୍ଥାରେ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ କ'ଣ କୁହାଯାଇପାରେ। ଶିକ୍ଷାକୁ ଅର୍ଥ ରୋଜଗାରର ପନ୍ଥା ଭାବିବା ଠିକ୍ ନୁହେଁ। ବର୍ଷ ବର୍ଷ ଧରି ଶିକ୍ଷକ ଓ ଅଧ୍ୟାପକଙ୍କ ପଦବୀ ପୂରଣ ହେଉନାହିଁ। କେଉଁଠି ପାଞ୍ଚଟି ଶ୍ରେଣୀପାଇଁ ଜଣେ ଶିକ୍ଷକ ତ କେଉଁଠି ପିଲାମାନେ ଗଛତଳେ ପାଠପଢୁଛନ୍ତି। ବର୍ତ୍ତମାନ ପ୍ରାଇମେରୀ ଠାରୁ କଲେଜସ୍ତର ପର୍ଯ୍ୟନ୍ତ ତାଲିମପ୍ରାପ୍ତ ସୁଦକ୍ଷ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି। ନଚେତ୍ ଅବିଳମ୍ବେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ଯିବ ଏହା ନିଃସନ୍ଦେହ। ପାଠ୍ୟ ଖସଡାକୁ ବାରମ୍ବାର ବଦଳାଇବା ଉଚିତ୍ ନୁହେଁ।

ପ୍ର.ଦାଶ – ସମାଜକୁ ଆପଣ ବେଶି ଦେଖିଛନ୍ତି।ବର୍ତ୍ତମାନ ସମାଜରେ ମୂଲ୍ୟବୋଧର ଅଭାବ।ଏହା ସମ୍ପର୍କରେ ଆପଣ କ'ଣ କହିବେ ?

ମା. ଶତପଥୀ – ବର୍ତ୍ତମାନ ସାମାଜିକ ଓ ପାରିବାରିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି। ନୂତନ ପିଢ଼ିର ପିଲାମାନେ ଅର୍ଥସର୍ବସ୍ୱ ହୋଇ ବୃଦ୍ଧ ପିତାମାତାଙ୍କର ଦାୟିତ୍ୱ ନେବା ତ ଦୂର କଥା ପରନ୍ତୁ ବିଭିନ୍ନ ଭାବେ ମାନସିକ

ତଥା ଶାରିରୀକ ନିର୍ଯ୍ୟାତନା ଦେବାକୁ ପଛାଉନାହାନ୍ତି। କେଉଁଠି ନୀରବ ନିର୍ଯ୍ୟାତନା ତ କେଉଁଠି ସରବ ନିର୍ଯାତନା । କ୍ୱଚିତ ପିତାମାତା ଅତିଷ୍ଠ ହୋଇ ଆଇନର ଦ୍ୱାରସ୍ଥ ହୋଇଥାନ୍ତି। ମାତ୍ର ଅଧିକାଂଶ ନିଜର ଆଭିଜାତ୍ୟ ସମ୍ମାନ ଓ ଲୋକଲଜ୍ଜାକୁ ଡରି ସବୁ ସହିଯାଆନ୍ତି। ସବୁ ସ୍ତରରେ ମୂଲ୍ୟବୋଧର ଅବକ୍ଷୟ ହୋଇ ଚାଲିଛି।ଏହା ସମାଜପାଇଁ ଏକ କଳଙ୍କ।

ପ୍ର.ଦାଶ - ଅନେକ ସମୟରେ ଯୌଥ ପରିବାର ସମ୍ପର୍କରେ ଆମେ ଶୁଣୁ। ସମସ୍ତେ ସମସ୍ତଙ୍କୁ ସାହାଯ୍ୟ କରିଥାନ୍ତି। ସେପରି ପରିବାରର ଏବେ ଆବଶ୍ୟକତା ଅଛି କି ?

ମା. ଶତପଥୀ - ଏ ପ୍ରଶ୍ନର ଉତ୍ତର ନିଶ୍ଚିତ 'ହଁ' ହିଁ ହେବ। ମାତ୍ର ଯୌଥ ପରିବାର ବର୍ତ୍ତମାନ ସମାଜରେ ଆଉ ସମ୍ଭବ ନୁହେଁ। କିନ୍ତୁ ଏବେ ବି ସହର ବା ମଫସଲରେ କିଛି ଆଦର୍ଶ ଯୌଥ ପରିବାର ଦେଖିବାକୁ ମିଳୁଛି ଯଥାର୍ଥରେ ଏପରି ପରିବାର ଧନ୍ୟବାଦାର୍ହ। ଏହି ପରିବାରର ମୁଖ୍ୟଙ୍କ କଥା ଅନୁସାରେ ପରିବାର ଚାଲେ। କେହି ପିଲା ପଥଭ୍ରଷ୍ଟ ହେଲେ ସମସ୍ତଙ୍କର ତା ପ୍ରତି ଦୃଷ୍ଟି ଥାଏ। ପରସ୍ପର ପରସ୍ପର ପ୍ରତି ସମବେଦନା ପ୍ରଦର୍ଶନ କରି ସାହାଯ୍ୟର ହସ୍ତ ପ୍ରସାରଣ କରିଥାନ୍ତି। ଏହା ହିଁ ତ ବୈକୁଣ୍ଠ ପରି ଘର।

ପ୍ର.ଦାଶ - ବହି କିଣିବା ଓ ପଢିବାରେ ଆପଣଙ୍କର ପ୍ରବଳ ସଉକ। ବର୍ତ୍ତମାନ ପ୍ରକାଶ ପାଉଥିବା ଓଡ଼ିଆ ପତ୍ରପତ୍ରିକା ବିଷୟରେ ଆପଣ କି ମନ୍ତବ୍ୟ ଦେବେ ?

ମା ଶତପଥୀ - ଓଡିଆ ପତ୍ରପତ୍ରିକାକୁ ମୁଁ ଦୁଇ ଭାଗରେ ଭାଗ କରିଛି-କିଛି ନିୟମିତ ଆଉ କିଛି ଅନିୟମିତ ଅର୍ଥାତ ବାର୍ଷିକ ଦୁର୍ଗାପୂଜା, ରଥଯାତ୍ରା ବା ମକର ସଂକ୍ରାନ୍ତିରେ ବାହାରେ। ଏମାନଙ୍କ ମଧ୍ୟରୁ କିଛି ବ୍ୟବସାୟିକ ଲକ୍ଷ୍ୟରେ ବାହାର କରନ୍ତି। ଯେଉଁମାନେ କି ବିଭିନ୍ନ ପତ୍ରପତ୍ରିକାର ଲବ୍ଧପ୍ରତିଷ୍ଠିତ ଲେଖକମାନଙ୍କ ନମ ନେଇ ସେମାନଙ୍କୁ ଚିଠି ଦିଅନ୍ତି-ଏହିପରି ୧୫ ର ଧାଡିର କବିତା ପାଇଁ ୧୦୦ ଟଙ୍କା। ଏହିପରି ଦୁଇପୃଷ୍ଠା ଗଳ୍ପ ପାଇଁ ୨୦୦ ଟଙ୍କା ପଠାନ୍ତୁ। ଏ ପତ୍ରିକା ଆମର ସହଭାଗିତାରେ ଚାଲେ। ମୁଁ ପ୍ରତିବର୍ଷ ଏହିପରି ୧୦/୧୨ ଚିଠି ପାଏ। କେତେ ନିୟମିତ ପତ୍ରିକାରେ ଉଚ୍ଚକୋଟୀର ପ୍ରବନ୍ଧ ଗଳ୍ପ ବାହାରେ। ଆଉ କିଛି ନିମ୍ନମାନର ବା ମଧ୍ୟଧରଣର ବାହାରେ। ଫାଳଫାଳ ବିଜ୍ଞାପନ ଖବରକାଗଜମାନଙ୍କରେ ବାହାରେ। ଆଉମଧ୍ୟ ରାଜନୀତି ପରିଚାଳିତ ପତ୍ରିକାମାନଙ୍କରେ ନିଜର ପ୍ରୌଢ ଓ ବିରୋଧିଦଳଙ୍କୁ ସମାଲୋଚନା କେବଳ ତାଙ୍କ ଲେଖାରେ ପ୍ରତିଫଳିତ ହୁଏ।

ପ୍ର.ଦାଶ - ଏହି ପରିପ୍ରେକ୍ଷୀରେ ଆପଣ ଯୁବପିଢ଼ି ଓ ଲେଖକମାନଙ୍କୁ କେଉଁ ବାର୍ତ୍ତା ଦେବେ ?

ମା ଶତପଥୀ - ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ-

''ଇଚ୍ଛାମତେ କାହୁଁ ଚଳିବ ବା ଜନ
ସମାଜେ ନିଜର ନୁହେଁ ନିଜ ମନ।''



ସେ ସମୟର ସମାଜରେ ଥିବା ମୂଲ୍ୟବୋଧର ଏବେ ଅବକ୍ଷୟ ଘଟିଛି। ଅବକ୍ଷୟମୁଖୀ ସମାଜକୁ ରକ୍ଷା କରିବା ପାଇଁ ସାହିତ୍ୟ ବଳିଷ୍ଠ ମାଧ୍ୟମ ରୂପେ ପରିଚିତ। ତେଣୁ ଆମେ ଉଦ୍ୟମ ଅବ୍ୟାହତ ରଖିବା ବାଞ୍ଛନୀୟ। ସମାଜର ମୂଲ୍ୟବୋଧ ଫେରିବାର ଦାୟିତ୍ୱ ଯୁବପିଢିଙ୍କର-ଏଣୁ ସମାଜର ସଂସ୍କୃତି ରକ୍ଷା କରିବା ପାଇଁ ସମାନେ ଯତ୍ନବାନ ହେବା ଉଚିତ। ସେଥିପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ନୈତିକ ଶିକ୍ଷାପ୍ରତି ଗୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ।

ଲେଖକ ମାନଙ୍କ ପାଇଁ-

ବହି ଲେଖି ବିଜ୍ଞାପିତ ହେବାର ନିଶା ଏବେ ଘାରିଛି। ଯେ କୌଣସି ମାନର ପୁସ୍ତକ ରଚନା କରି ପ୍ରକାଶକଙ୍କ ବ୍ୟାନରରେ ସମସ୍ତ ଛପା ଖର୍ଚ୍ଚ ଦେଇ ଛପାଇ ଚା, ଜଳଖିଆ ଏପରିକି ମଧ୍ୟାହ୍ନ ଏବଂ ରାତ୍ର ଭୋଜନ ଦେଇ ଜାକଜମକରେ ବହିଟିର ଲୋକାର୍ପଣ କରିବା ଅର୍ଥ ଟେଲିଭିଜନରେ ମୁଖଡା ଦର୍ଶନର ଆକର୍ଷଣ। କେବଳ ସେତିକି ନୁହେଁ ୫/୬ଟି ପୁସ୍ତକ ଲେଖି ଲୋକାର୍ପଣ କରି ଲବିରେ ପୁରସ୍କାର ବା ସମ୍ମାନ ପ୍ରାପ୍ତ ହୁଅନ୍ତି। ଏହା ଦ୍ୱାରା ସାହିତ୍ୟ ବା ସାହିତ୍ୟିକଙ୍କର ମାନବୃଦ୍ଧି ହୁଏ ନାହିଁ। କେବଳ ଉପଯୁକ୍ତ ଉଚ୍ଚକୋଟୀର ସାହିତ୍ୟିକ ମୂଲ୍ୟବୋଧ ଥିବା ସାହିତ୍ୟ ସର୍ଜନା ହିଁ ଓଡ଼ିଆ ସାହିତ୍ୟ ଉଣ୍ଡାରକୁ ସମୃଦ୍ଧ କରିବ ଏହ ନିଃସନ୍ଦେହ।

ଯିଏ ଲେଖେ ସେ ଲେଖକ। ସେମାନେ ସାହିତ୍ୟିକ ନୁହନ୍ତି-ମୋ ଭାଷାରେ

"ମାଛ କିଣ ଶାଗ କିଣ ଅବା କିଣ ଲୁଣ
କି'ଏ କ'ଣ ବଖାଣିବ ତୁମ ଗୁଣପଣ ?
ମାଳମାଳ ମାନପତ୍ର ଉପାଧି ଓ ସମ୍ମାନ
କିଣି ପାରିଲେ ନିଜରହେବ ବିଜ୍ଞାପନ''

ଲେଖକମାନେ ସାହିତ୍ୟର ମାନବୃଦ୍ଧିପାଇଁ ଲେଖନ୍ତୁ ଯାହା ସେମାନଙ୍କୁ ଅମର କରି ରଖିବ।